# Akashvani, Sambalpur

## SAMBALPURI NEWS BULLETIN

### 21 June 2025- 9.02- 9.07 am.

*********************************************

ଯୋଗ ଦିବସ୍-ଦେଶ                ଆର୍‌ଏନ୍‌ୟୁ/ ସମ୍ବଲପୁର

'ଗୁଟେ ପୁର୍‌ଥି ଗୁଟେ ସ୍ୱାସ୍ଥ୍ୟ ଲାଗି ଯୋଗ' ବାର୍ତା ନେଇକରି ସାରା ପୁର୍‌ଥି ନ ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଯୋଗ ଦିବସ ।୨୦୧୫ ମସିହାନୁ ଜୁନ୍ ୨୧ ତାରିଖ୍ ଦିନ ଫି ବଛର୍ ଇ ଦିବସ୍ ପାଲିତ୍ ହେଇଆସୁଛେ । ମାନସିକ ଆଉ ଶାରୀରିକ ସୁସ୍ଥତା ଲାଗି ଯୋଗର ମହତ୍ୱ ରହିଛେ । ହେଥିର୍‌ଲାଗି ଫି' ଦିନ ଯୋଗକେ ନିଜର୍ ଜୀବନ୍‌ଥି ସାମିଲ୍ କର୍‌ବାର୍ ଦର୍‌କାର୍ ଆଏ ।

ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍‌ଠାନେ ହେଇଥିବା ଆନ୍ତର୍ଜାତୀୟ ଯୋଗ ଦିବସ୍‌ର ଜାତୀୟ ସମାରୋହଥି ଯୋଗ୍ ଦେଇଛନ୍ । ଆୟୁଷ ମନ୍ତ୍ରଣାଳୟ ତର୍‌ଫୁ ଆନ୍ଧ୍ରପ୍ରଦେଶ୍‌ର ଆର୍‌କେ ସମୁଦ୍ର ଖଣି ହେଇଥିବା ସମାରୋହଥି ପ୍ରଧାନମନ୍ତ୍ରୀଙ୍କର୍ ସହେତେ ୩ ଲାଖ୍‌ନୁ ଅଏତ୍‌କା ଲୋକ୍ ଏକାସଙ୍ଗେ ଯୋଗାଭ୍ୟାସ୍ କରିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବୋଧନ୍

ଦେଇକରି ଯୋଗ କରିଥିବା ବିଶ୍ୱବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ଯୋଗ ସମ୍‌କର୍ ଆଏ ଆଉ ସବ୍‌କର୍ ଲାଗି ଆଏ ବଲି କହିଛନ୍ ।

(ଭଏସ୍ ଓଭର-----ପ୍ରଧାନମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ଆୟୁଷ ଆଉ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ୧୧ ହଜାର୍‌ନୁ ଅଏତ୍‌କା ନୌସେନା ଅଧିକାରୀ ଆଉ କର୍ମଚାରୀ, ଛାତ୍ରଛାତ୍ରୀ ଆଉ ଭିନ୍ ଭିନ୍ ବର୍ଗର୍ ଲୋକ୍ ଯୋଗ୍ ଦେଇଛନ୍ ।

ଭୁବନେଶ୍ୱର କଲିଙ୍ଗ ଷ୍ଟାଡିୟମ୍‌ଠାନେ ହେଇଥିବା ରାଜ୍ୟସ୍ତରୀୟ ଯୋଗ ଦିବସ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଛନ୍ ।

ଯୋଗ ଦିବସ        ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଆଉ ମହାନଦୀ ଖଣି ରିଂରୋଡ୍ ଠାନେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହ ହେଇଯାଇଛେ । ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କର ସହେତେ ୫ ହଜାର ଲୋକ ଏକାସଙ୍ଗେ ଯୋଗାଭ୍ୟାସ୍ କରିଛନ୍ । ଆଏବା ଦିନ୍‌ମାନ୍‌କେ ଜିଲ୍ଲାର ସବୁ ଗାଁନ

ଯୋଗ ଦିବସ୍ ଆୟୋଜନ୍ କର୍ବାର୍ ଲାଗି ଇ ଅବ୍ସରେ କେନ୍ଦ୍ରମନ୍ତ୍ରୀ ଜୋର୍ ଦେଇଛନ୍ ।

ମଧ୍ୟାହ୍ନ ଭୋଜନ ଖର୍ଚ୍ଚା ବଢ଼୍ଲା  I&PR

ରାଜ୍ୟ ସରକାର ଛାତ୍ରଛାତ୍ରୀମାନ୍କର ପୋଷଣକେ ଗୁରୁତ୍ୱ ଦେଇକରି ମଧ୍ୟାହ୍ନ ଭୋଜନ ଖର୍ଚ୍ଚାକେ ୨ ଟଙ୍କା ୯୨ ପଏସା ବଢ଼େଇଛନ୍ । ପ୍ରାଥମିକ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍କର୍ ମଧ୍ୟାହ୍ନ ଭୋଜନ ଖର୍ଚ୍ଚାକେ ବଢ଼ିକରି ୧୧ ଟଙ୍କା ୧୫ ପଏସା ଆଉ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀମାନଙ୍କର ମଧ୍ୟାହ୍ନ ଭୋଜନ ଖର୍ଚ୍ଚା ୧୪ ଟଙ୍କା ୭୪ ପଏସା କରାଯାଇଛେ । ଇତାକେ ପିଛ୍ଲା ଆକାରେ ମଇ ୧ ତାରିଖ୍ନୁ ଲାଗୁ କରାଯିବା । ଇ ବାବ୍ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ଝାଡ଼ାବାନ୍ତି            ଆର୍ଏନ୍ୟୁ/ ସମ୍ବଲପୁର

ଭିନ୍ ଭିନ୍ ବିଭାଗର୍ କ୍ଷେତ୍ର ସ୍ତରେ ମିଳିତ୍ ଚେରେଷ୍ଟା ଲାଗି ରାଏଜେ ଝାଡ଼ାବାନ୍ତି ଥିତିଥି ସୁଧାର ଆସିଛେ ବଲି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ କହିଛନ୍ । ସେ କହିଛନ୍, ଗଲା ୭ ଦିନ୍ ଭିତ୍ରେ ଡାକ୍ତରଖାନାମାନ୍କେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କର୍ ସଂଖ୍ୟା ଧୀରେ ଧୀରେ କମ୍ବାରେ ଲାଗିଛେ । ଗଲାରାତି ତକ୍ ଯାଜପୁର ଜିଲ୍ଲାନ ମୋଟ ୧୧ ଶହ ୬୭ ଝନ୍

ଆକ୍ରାନ୍ତ ଭିନ୍ ଭିନ୍ ଡାକ୍ତରଖାନାମାନ୍କେ ଚିକିତ୍ସିତ୍ ହେଉଥିଲେ । ସେମାନଙ୍କର୍ ଭିତ୍ରୁ ହଜାରେ ୪୫ ଝନ୍ ଭଲ୍ ହେଇକରି ଘରେ ଫିରିଛନ୍ । କେନ୍ଦୁଝର, ଭଦ୍ରକ, କଟକ ସହେତେ ବାକି ଇଲାକାମାନ୍କେ ଭିଲ୍ ଥିତି ନିୟନ୍ତ୍ରଣଥି ରହିଛେ ବଲି ଶ୍ରୀମତୀ ଅଶ୍ୱଥି ସୂଚ୍ନା ଦେଇଛନ୍ ।

ନୂଆ କିସମ୍ ଧାନ ଆର୍ଏନ୍ୟୁ/ ସମ୍ବଲପୁର

କଟକ ବିଦ୍ୟାଧରପୁରଠାନେ ଥିବା ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ-ଏନ୍ଆର୍ଆର୍ଆଇ ତର୍ଫୁ ବିକଶିତ୍ ଜହ ଉତ୍ପାଦନ୍ କରିପାରୁଥିବା ୭ଟା କିସମ୍ର ଧାନକେ ଓଡ଼ିଶା ରାଜ୍ୟ ବିହନ୍ ଉପକମିଟି ଅନୁମୋଦନ୍ କରିଛେ । ଇ କିସମ୍ ଧାନ୍ମାନ୍କୁ ରୋଗ୍ ପୋକ୍ ବିଶେଷ ଭାବେ ନୁକ୍ସାନ୍ ନାଇ କରିପାରେ । ଇ କିସମ୍ ଧାନ୍ ଚାଷ୍ କଲେ ଚାଷୀମାନେ ଅଏତ୍କା ଅମଲ୍ କରିପାର୍ବେ । ଇ ସବୁ ଧାନ୍ ରାଏଜର ଜଲ୍ସେଚିତ୍ ଜମିନ୍ ମାନ୍କେ ଚାଷ୍ କରାଯିବାର୍କେ ବିକଶିତ୍ କରାଯାଇଛେ ବଲି ଏନ୍ଆର୍ଆର୍ଆଇର୍ ଫସଲ୍ ଉନ୍ନୟନ୍ ବିଭାଗ୍ ମୁଖ୍ୟ ସୂଚ୍ନା ଦେଇଛନ୍ ।

ବରପୁତ୍ର ଗାଁ ବରପାଲିର ବିକାଶ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଭୁବନେଶ୍ୱର ଜନତା ମଇଦାନ୍‌ଠାନେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନାର ଶୁଭାରମ୍ଭ କରିଛନ୍ । ଇଥି ଓଡ଼ିଶାର ଅନନ୍ୟ ବରପୁତ୍ର ସ୍ୱଭାବ କବି ଗଙ୍ଗାଧର ମେହେର୍‌ଙ୍କର୍ ଜନମ୍‌ଠାନ୍ ବରଗଡ଼ ଜିଲ୍ଲା ବରପାଲି ଭିଲ୍ ଠାନ୍ ପାଇଛେ । ବରପୁତ୍ର ଐତିହ୍ୟ ଗ୍ରାମ ଯୋଜ୍‌ନାଥି ବରପାଲି ଗାଁର ଭିଲ୍ ବିକାଶ କରାଯିବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଆଉ ମୟୁରଭଞ୍ଜ ନ ଘଡ଼୍‌ଘଡ଼ି ସହେତେ ଜବର ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।